## ସଂକ୍ଷେପରେ

### ନବବଧୂଙ୍କ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

ବଅଁରପାଳ, ୧୭।୭(ଡି.ଏନ.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଦୁଦୁରୁକୁଟୁ ଗ୍ରାମର ପ୍ରିୟା ଗଡନାୟକଙ୍କୁ ଶାଶୁ ଘର ଲୋକେ ଯୌତୁକ ଦାବି କରି ନିଆଁରେ ପୋଡିଦେବା ଅଭିଯୋଗରେ ପୋଲିସ ଶୁକ୍ରବାର ତାଙ୍କ ସ୍ୱାମୀ ବଅଁରପାଳ ବ୍ଲକ ଗଡସନ୍ତ୍ରୀ ଗ୍ରାମର ଆଶୁତୋଷ ଗଡନାୟକଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୧୯୧/୨୦ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ୍, ୧୭।୭: ବିଭିନ୍ନ ଉନ୍ନୟନମୂଳକ, ସାମାଜିକ କାମରେ ନିଜକୁ ନିୟୋଜିତ କରୁଥିବା ତଥା ସୋସାଇଟି ପଞ୍ଜୀକରଣ ଆଇନ ଦ୍ୱାରା ଅନୁବନ୍ଧିତ ଛୋଟ ସଙ୍ଗଠନଗୁଡିକର ୫ ବର୍ଷକୁ ଥରେ ନବୀକରଣ କରିବାକୁ ସରକାର କରୁଥିବା ଯୋଜନାକୁ ବିରୋଧ କରାଯାଇଛି। ଏଭଳି ନିଷ୍ପତ୍ତି ପ୍ରତ୍ୟାହାର କରିବା ଦାବିରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ସାମାଜିକକର୍ମୀ ସଙ୍ଗଠନର ସାଧାରଣ ସମ୍ପାଦକ ମନୋଜ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଜିଲାର ୧୭ଟି ସଙ୍ଗଠନ ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଜିଲାବ୍ୟାପୀ ଦସ୍ତଖତ ଅଭିଯାନ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଇଥିବା ସଙ୍ଗଠନର ସାଧାରଣ ସମ୍ପାଦକ ମହାପାତ୍ର କହିଛନ୍ତି।

### ୬୦୦ ବିଡ଼ା ତଳି ଖାଇଗଲେ ହାତୀପଲ

ରାସୋଳ, ୧୭।୭(ଡି.ଏନ.ଏ.): ହିନ୍ଦୋଳ ବ୍ଲକ ନବକିଶୋର ପଞ୍ଚାୟତର ଆଲୁସିଂ ଗ୍ରାମରେ ବୁଧବାର ରାତିରେ ଏକ ହାତୀ ପଲ ବ୍ୟାପକ ଉପଦ୍ରବ କରିଛନ୍ତି। ୧୫ରୁ ଊର୍ଦ୍ଧ୍ୱ ହାତୀ ଥିବା ଏକ ଦଳ ଜମିରେ ପଶି ରୋଇବା ପାଇଁ ରଖାଯାଇଥିବା ପ୍ରାୟ ୬୦୦ ବିଡା ତଳି ଖାଇଯାଇଛନ୍ତି। ଏଥିସହ ପୁରୁଷୋତ୍ତମ ସାମଲ, ପ୍ରଶାନ୍ତ ମାଝି, ବାବୁ ସାମଲ, ସନ୍ତୋଷ ସାମଲଙ୍କ ଜମିରେ ତଳି ଏବଂ ରୁଆଯାଇଥିବା ଧାନଗଛ ଦଳିଚକଟି ନଷ୍ଟ କରିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅଞ୍ଚଳର ୫ ଏକର ଜମିର ଧାନ ଚାଷ ନଷ୍ଟ ହୋଇଛି। ଏ ସଂକ୍ରାନ୍ତରେ କ୍ଷତିଗ୍ରସ୍ତ ଚାଷୀ ଖଲିବୋରେଇ ବନ କର୍ମଚାରୀଙ୍କୁ ସୂଚନା ଦେଇଥିଲେ ମଧ୍ୟ କେହି ଘଟଣାସ୍ଥଳକୁ ଆସି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବର୍ଷା ଅଭାବରୁ ଚାଷୀମାନେ ପମ୍ପ ସହାୟତାରେ ଚାଷ କାର୍ଯ୍ୟ ଜାରି ରଖିଥିବାବେଳେ ଏପରି ହାତୀ ଉତ୍ପାତ ସେମାନଙ୍କ ଚିନ୍ତା ବଢ଼ାଇଛି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ହିନ୍ଦୋଳ ରେଞ୍ଜର ହରମୋହନ ନାୟକ କୁହନ୍ତି, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। ହାତୀ ଘଉଡ଼ାଇବାକୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବ।

### ହରିଣ ଶିକାରୀ ଗିରଫ

ବଇଣ୍ଡା, ୧୭।୭(ଡି.ଏନ.ଏ.): କିଶୋରନଗର ବ୍ଲକ ବାମୁର ରେଞ୍ଜ ଆମ୍ୱପାଳ ହାଇସ୍କୁଲ ନିକଟରେ ଏକ ହରିଣ ଶିକାର ଅଭିଯୋଗରେ ଫେରାର ଥିବା ଚମ୍ପାପୁର ଗ୍ରାମର ସହଦେବ ବେହେରାଙ୍କୁ ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ ଗିରଫ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ପରେ ସହଦେବଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ମେ ୧ରେ ସହଦେବ ଶିକାର କରିଥିବା ଖବରପାଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କ ଘରୁ ମାଂସ, ଚମଡ଼ା ଜବତ କରାଯାଇଥିଲା। ହେଲେ ସେ ଫେରାର ହୋଇଯାଇଥିଲେ।

### ବୃଦ୍ଧଙ୍କୁ କଚାଡ଼ି ଦେଲା ଦନ୍ତା

ପରଜଙ୍ଗ, ୧୭।୭(ଡି.ଏନ.ଏ.): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଅନ୍ଧାରିଖୋଲରେ ଶୁକ୍ରବାର ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଜାଆଙ୍ଗୁ ଗ୍ରାମର ପଞ୍ଚାୟତ ଗଡ଼ନାୟକ। ସେ ଅନ୍ଧାରିଖୋଲ ଫରେଷ୍ଟ ନର୍ସରିକୁ କାମ କରିବାକୁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ବନ କର୍ମଚାରୀ ତାଙ୍କୁ ଆମ୍ବୁଲାନ୍ସ ସହାୟତାରେ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ମଣିଷ ହାଟରେ ମହାମାରୀ ମାଡ଼

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୧୭।୭

- ଭିତ୍ତିଭୂମି ନିର୍ମାତାଙ୍କୁ କାମ ମିଳୁନି
- ସକାଳୁ ଆସି ବସି ବସି ଫେରୁଛନ୍ତି
- ପରିବାର ରହୁଛନ୍ତି ଉପାସରେ

କରୋନା କଟକଣା ସାମାନ୍ୟ କୋହଳ ହେବା ପରେ ଶ୍ରମିକ ଗୋଷ୍ଠୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ସେମାନେ ପୁଣି ଅନୁଗୋଳ ସହରର ମଣିଷ ହାଟ ମୁହାଁ ହୋଇଛନ୍ତି। ଦିନକୁ ଦିନ ସେମାନଙ୍କ ସଂଖ୍ୟା ବଢ଼ିଚାଲିଛି। ହେଲେ ଏହି ଭିତ୍ତିଭୂମି ନିର୍ମାତାମାନଙ୍କୁ ପୂର୍ବପରି କାମ ମିଳୁନି। ସଚେତନତା ଅଭାବରୁ ବାବୁମାନେ ଲୋଡୁ ନ ଥିବାରୁ ସେମାନଙ୍କ ମଧ୍ୟରୁ ଅନେକେ ବସି ବସି ଫେରିଯାଉଛନ୍ତି। ଦୀର୍ଘ ୪ ମାସ ହେଲା ମଣିଷ ହାଟରେ ଏହି ମହାମାରୀ ମାଡ଼ ଯୋଗୁ ହଜାର ହଜାର ଶ୍ରମିକଙ୍କ ଜୀବନ ଜୀବିକା ବାଧାପ୍ରାପ୍ତ ହୋଇଛି।

ଜିଲାର ମହୀଧରପୁର, ବନ୍ତଳା, ଧୋକୁଟା, ବଇଣ୍ଡା, ଆଠମଲ୍ଲିକ, କିଶୋରନଗର, ଖଣ୍ଡହତା, ସୁରାବ, କାଙ୍ଗୁଲା, କୋଶଳା ଆଦି ଅଞ୍ଚଳରୁ ଶ୍ରମଜୀବୀମାନେ ପ୍ରତିଦିନ ସହରକୁ ଆସୁଛନ୍ତି। ବଜାର ଛକ, କଲେଜ ଛକ, ମସ୍‌ଜିଦ ଛକ, ଥାନା ଛକ ଆଦି ସ୍ଥାନରେ ଥିବା ମଣିଷ ହାଟରେ ସେମାନେ କାମ ପାଇଁ ଅପେକ୍ଷା କରୁଛନ୍ତି। ଏହି ଶ୍ରମିକମାନଙ୍କ ମଧ୍ୟରୁ ଏପରି ଅନେକ ଶ୍ରମିକ ଅଛନ୍ତି ଯେଉଁମାନେ ନା ଗାଁରେ ପଞ୍ଜୀକୃତ ହୋଇଛନ୍ତି ନା ସହରରେ। ସଚେତନତାର ଅଭାବ ଆଉ ସରକାରୀ କଳର ଅବହେଳା ଯୋଗୁ ଏମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏପରି ଅବସ୍ଥାରେ ସେମାନଙ୍କୁ କାମଟିଏ ନ ମଳିବା ସମସ୍ୟାକୁ ଅଧିକ ବଢ଼ାଇ ଦେଉଛି। ଅନୁଗୋଳ ଶ୍ରମ ଅଧିକାରୀଙ୍କ ଅଧୀନରେ ମୋଟ୍ ୩୭ ହଜାର ୫୯୭ ନିର୍ମାଣ ଶ୍ରମିକ କଲ୍ୟାଣ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ପାଇଁ ସରକାରଙ୍କ କରୋନା ସହାୟତା ରାଶି ଆସିଥିଲା। ଇତିମଧ୍ୟରେ ବହୁ ଶ୍ରମଜୀବୀଙ୍କୁ ଦେଢ଼ ହଜାର ଟଙ୍କା ଲେଖାଏଁ ସହାୟତା ବଣ୍ଟନ କରାଯାଇ ସାରିଲାଣି। ଆଉ କିଛିଙ୍କୁ ଚିହ୍ନଟ କରି ପ୍ରଦାନ କରାଯାଉଥିଲେ ବି ତାହା ଶ୍ରମିକଙ୍କ ସମସ୍ୟା ଦୂରକରିପାରୁ ନାହିଁ।

### ଭାତ ଥାଳି ଛଡ଼ାଇ ନେଇଛି



ଅନୁଗୋଳର ବିଭିନ୍ନ ମଣିଷ ହାଟ ଆମ ପାଇଁ ନୂଆ ନୁହେଁ। ପୂର୍ବରୁ ଏଠାରେ କାମର ଅଭାବ ନ ଥିଲା। ବହୁ ବାବୁଙ୍କ ଘରକୁ ଯାଇ ମଜୁରି ଖଟିଛୁ। ପେଟ ପୋଡ଼ିଯାଉଥିବାରୁ ମହାମାରୀକୁ ନ ଡରି ପ୍ରତିଦିନ ହାଟକୁ ଆସୁଛୁ। କିନ୍ତୁ ଏବେ କାମ ନ ପାଇ ବସି ବସି ଫେରୁଛୁ। କରୋନା ଆମ ମୁହଁରୁ ଭାତ ଥାଳି ଛଡ଼ାଇ ନେଇଛି।

- ମଧୁ ବେହେରା, ଶ୍ରମିକ

### ଜୀବନକୁ ବାଜି ଲଗାଉଛୁ



ସପ୍ତାହକୁ ଦୁଇରୁ ତିନି ଦିନ କାମ ମିଳୁଛି। ବେଳେ ବେଳେ ରାଜ୍ୟ ବାହାର ଲୋକଙ୍କ ସହ କାମ କରିବାକୁ ଡାକରା ଆସୁଛି। ସଂକ୍ରମଣ ଭୟ ଥିଲେ ବି ସେଠାକୁ ନ ଗଲେ ପରିବାର ଉପାସରେ ରହିଯିବେ। ତେଣୁ ନିରାଶ ମନରେ ଫେରିବା ଅପେକ୍ଷା କିଛି ଟଙ୍କା ପାଇଁ ଜୀବନକୁ ବାଜି ଲଗାଇବାକୁ ପଡୁଛି।

- ଦୁଦୁର ନାଏକ, ଶ୍ରମିକ

### ଅନେକେ ଆସୁନାହାନ୍ତି



କଲେଜ ଛକ ମଣିଷ ହାଟର ଆମେ ନିୟମିତ ସଦସ୍ୟ। ରାତି ନ ପାହୁଣୁ ଆମେ ଆସି ହଜାର ହୋଇଯାଉଛୁ। ପୂର୍ବାହ୍ନ ୧୧ ଯାଏ ଅପେକ୍ଷା କରୁଛୁ। କେହି ଡାକିଲେ କିଛି ରୋଜଗାର କରୁଛୁ ନ ହେଲେ ଖାଲି ହାତରେ ଫେରୁଛୁ। ଏବେ ଯେଉଁ ରୋଗ ବ୍ୟାପୁଛି ତାହାକୁ ଡରି ଅନେକ ଶ୍ରମିକ ଆସୁନାହାନ୍ତି।

- କାବୁଲି ଘଡ଼େଇ, ଶ୍ରମିକ

### ଅଧିକ ସହାୟତା ଲୋଡ଼ା



ସରକାର ଦେଢ଼ ହଜାର ଟଙ୍କା ସହାୟତା ଦେଇଥିଲେ। କିନ୍ତୁ ପରିବାର ଚଳାଇବାରେ ତାହା କେବେଠୁ ସରିଗଲାଣି। ନିୟମିତ କାମ ନ ମିଳିଲେ କେମିତି ପିଲାଙ୍କ ମୁହଁରେ ଦାନା ଦେବୁ ତାହା ଚିନ୍ତାକରି ପାରୁନୁ। ସରକାର ଶ୍ରମିକମାନଙ୍କୁ ଅଧିକ ସହାୟତା ଦେଲେ ଉପକୃତ ହୋଇପାରନ୍ତୁ।

- କେଶବ ପରିଡ଼ା, ଶ୍ରମିକ

### ପରିସ୍ଥିତି ସୁଧୁରିବାକୁ ସମୟ ଲାଗିବ

ଜିଲାର ୮ଟି ବ୍ଲକ ମଧ୍ୟରୁ ୫ଟି ବ୍ଲକ ଅନୁଗୋଳ, ବଅଁରପାଳ, ଛେଣ୍ଡିପଦା, ଆଠମଲ୍ଲିକ, କିଶୋରନଗର ସହ ଅନୁଗୋଳ ପୌରପାଳିକା ଓ ଆଠମଲ୍ଲିକ ଏନ୍‌ଏସି ଜିଲା ଶ୍ରମ କାର୍ଯ୍ୟାଳୟ ଅଧୀନରେ ଆସୁଛି। ପଞ୍ଜୀକୃତ ଶ୍ରମିକମାନଙ୍କୁ ଦକ୍ଷତା ଅନୁଯାୟୀ ବିଭକ୍ତ କରାଯିବା ସହ ଭିନ୍ନ ଭିନ୍ନ ମଜୁରି ଧାର୍ଯ୍ୟ କରାଯାଇଛି। ତେବେ ମହାମାରୀ କରୋନା ପାଇଁ ସମସ୍ୟା ଉପୁଜୁଛି। ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ସମସ୍ତଙ୍କୁ କାମ ମିଳିବା ଅସମ୍ଭବ। ତାହାକୁ ଦୃଷ୍ଟିରେ ରଖି ୩୦ ହଜାର ଊର୍ଦ୍ଧ୍ୱ ଶ୍ରମିକଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉଛି। ପରିସ୍ଥିତି ସୁଧୁରିବାକୁ ଆହୁରି ସମୟ ଲାଗିବ।

- ଶିବଶଙ୍କର ମିଶ୍ର, ଶ୍ରମ ଅଧିକାରୀ, ଅନୁଗୋଳ

## ଅନୁଗୋଳରେ ଦ୍ୱିତୀୟ କରୋନା ମୃତ୍ୟୁ

ଅନୁଗୋଳ ଅଫିସ୍, ୧୭।୭

ଅନୁଗୋଳ ଜିଲାରେ ଆଉ ଜଣଙ୍କ ମୁଣ୍ଡ ନେଇଛି କରୋନା। ମୃତକ ତାଳଚେର ବ୍ଲକର ଜଣେ ୬୬ ବର୍ଷୀୟ ପୁରୁଷ ହୋଇଥିବାବେଳେ ସେ କର୍କଟରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର କରୋନା ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କର ୩ ଦିନ ପୂର୍ବରୁ ମୃତ ହୋଇଥିବା ଜଣାପଡିଛି। ମୃତ୍ୟୁର କାରଣ ନେଇ ମେଡିକାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରି ନ ଥିବାରୁ ସୂଚନା ଦେବାରେ ବିଳମ୍ବ ହୋଇଥିବା ପ୍ରଶାସନ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତରେ ମୃତକଙ୍କ ସଂଖ୍ୟା ୨ରେ ପହଞ୍ଚିଛି। ଅନ୍ୟପକ୍ଷରେ ଶୁକ୍ରବାର ଜିଲାରେ ଆଉ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଅନୁଗୋଳ ପୌରପାଳିକା (୨ ଯୁବକ, ୩ ମହିଳା) ଅଞ୍ଚଳର ଓ ଜଣେ ଛେଣ୍ଡିପଦା ବ୍ଲକର (ଜଣେ ୨୪ ବର୍ଷୀୟ ମହିଳା)। ସମସ୍ତ ଆକ୍ରାନ୍ତ ଗଞ୍ଜାମ ଫେରନ୍ତା ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଚରିତ୍ର ସନ୍ଦେହରୁ ଯାଇଥିଲା ସୁନନ୍ଦଙ୍କ ଜୀବନ



ଥାନା ସମ୍ମୁଖରେ ପୋଲିସ ସହ ଗିରଫ ଅଭିଯୁକ୍ତମାନେ।

ପବିତ୍ରନଗର, ୧୭।୭(ଡି.ଏନ.ଏ.)

- ହତ୍ୟା ଘଟଣାର ପର୍ଦ୍ଦାଫାଶ କଲା ପୋଲିସ
- ସ୍ତ୍ରୀ, ଦୁଇ ଝିଅଙ୍କ ସମେତ ୮ ଗିରଫ
- ଶ୍ୱଶୁର, ଶାଳକ, ଶଢୁ ଥିଲେ ସାମିଲ

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଶିଳିଂ ଗ୍ରାମରେ ପାରିବାରିକ କଳହ କାରଣରୁ ସୁନନ୍ଦ ପ୍ରଧାନଙ୍କୁ ପିଟି ମାରିବା ଘଟଣାରେ ପୋଲିସ ଶୁକ୍ରବାର ୮ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ତ୍ରୀ ଭାରତୀ ପ୍ରଧାନ, ଝିଅ ଚୁନିରାଣୀ, ଲୁନିରାଣୀ, ମୃତକଙ୍କ ଶ୍ୱଶୁର ଶ୍ରୀନିବାସ ବିଶ୍ୱାଳ, ଶଳା ପିନୁ ବିଶ୍ୱାଳ, ଶଢୁ ଜତିନ୍ଦ୍ର ସାହୁ, ଅନ୍ୟ ସହଯୋଗୀ ବସନ୍ତ ମହାକୁଡ଼ ଓ ଅର୍ଜୁନ ହେମ୍ବ୍ରମ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

ସମଲ ଥାନା ଆଇଆଇସି ଚାରୁଲତା ବେହେରା କହିଛନ୍ତି, ସୁନନ୍ଦ ଓ ତାଙ୍କ ସ୍ତ୍ରୀ ଭାରତୀ ପରସ୍ପରର ଚରିତ୍ରକୁ ସନ୍ଦେହ କରୁଥିଲେ। ଏହି କାରଣରୁ ଅନେକ ସମୟରେ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ବୁଧବାର ରାତିରେ ସୁନନ୍ଦ ଘରକୁ ଆସିଥିବା ବେଳେ ପୁଣି କଳହ ଲାଗିଥିଲା। ସୁନନ୍ଦ ତାଙ୍କୁ ମାରିଦେବା ଆଶଙ୍କା କରି ଭାରତୀ ସେହି ରାତିରେ ହିଁ ବାପଘର ଲୋକଙ୍କୁ ଡକାଇଥିଲେ। ବିଳମ୍ବିତ ରାତିରେ ସୁନନ୍ଦଙ୍କ ଶ୍ୱଶୁର ଶ୍ରୀନିବାସ, ଶଳା ପିନୁ, ଶଢୁ ଜତିନ୍ଦ୍ର ଆସିବା ସହ ଅନ୍ୟ ଦୁଇଜଣ ବସନ୍ତ ଓ ଅର୍ଜୁନଙ୍କୁ ସାଙ୍ଗରେ ଆଣିଥିଲେ। ତେବେ ପାଟିତୁଣ୍ଡ ବେଳେ ଉତ୍ତେଜନା ଏତେ ବଢ଼ିଯାଇଥିଲା ଯେ ଅଭିଯୁକ୍ତମାନେ ସୁନନ୍ଦଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସୁନନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ଭାରତୀ ଓ ଦୁଇ ଝିଅ ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ଜାଣିପାରିଥିଲା ଓ ମୋଟ୍ ୮ଜଣଙ୍କୁ ଗିରଫ କରିଥିଲା।

## ୬ ପଜିଟିଭ୍, ୪ ସୁସ୍ଥ

ଢେଙ୍କାନାଳ ଅଫିସ, ୧୭।୭

ଢେଙ୍କାନାଳ ଜିଲାରେ ଶୁକ୍ରବାର ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୯ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରେ ଗଁଦିଆ ବ୍ଲକର କରମୂଳ ସଙ୍ଗରୋଧ କେନ୍ଦ୍ରରୁ ୩, ନେଉଳପୋଇ ସଙ୍ଗରୋଧ କେନ୍ଦ୍ରରୁ ଜଣେ, ହିନ୍ଦୋଳ ବ୍ଲକର ବରାସିଂହ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଏବଂ ଢେଙ୍କାନାଳ ପୌରାଞ୍ଚଳର ରତନ ବଜାରରୁ ଜଣେ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ରାଜସ୍ଥାନରୁ, ଜଣେ ଉତ୍ତରପ୍ରଦେଶ, ଜଣେ ମହାରାଷ୍ଟ୍ର, ଜଣେ ଗୁଜରାଟ, ଆଉ ଜଣେ ଆନ୍ଧ୍ରପ୍ରଦେଶରୁ ଫେରିଥିଲେ। ପୌରାଞ୍ଚଳ ଆକ୍ରାନ୍ତ ଜଣକ ଗୃହ ସଙ୍ଗରୋଧରେ ଥିଲେ। ୧୪ ତାରିଖରେ ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ୧୬ ତାରିଖ ସନ୍ଧ୍ୟାରେ ରିପୋର୍ଟ ପଜିଟିଭ୍ ଆସିବା ପରେ ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। କ୍ୱାରାଣ୍ଟାଇନ ସେଣ୍ଟର ଏବଂ ଆକ୍ରାନ୍ତ ବ୍ୟକ୍ତିଙ୍କ ଘରକୁ ବିଶୋଧନ କରାଯାଇଛି। ସେହିପରି ୪ଜଣ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାକୁ ମିଶାଇ ଜିଲାରେ ସୁସ୍ଥଙ୍କ ସଂଖ୍ୟା ୮୯ରେ ପହଞ୍ଚିଛି।

## ଶିକାର ପ୍ରସ୍ତୁତି ବେଳେ ମାଡ଼ି ବସିଲେ

ବନ୍ତଳା, ୧୭।୭(ଡି.ଏନ.ଏ.)



ଗିରଫ ଶିକାରୀମାନେ।

- ସାତକୋଶିଆରୁ ୮ ଗିରଫ
- ନିୟମିତ ଠେକୁଆ, କୁଟୁରା ମାରୁଥିଲେ
- କମ୍ପାର୍ଟମେଣ୍ଟ ୧୦ରେ ଚଢ଼ାଉ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ନିୟମିତ ଚାଲିଛି ଶିକାର। କେତେବେଳେ ହରିଣ ମରାଯାଉଛି ତ କେବେ ପୁଣି ଠେକୁଆ ଓ କୁଟୁରା ମାରି ମାଂସ ବିକ୍ରି କରାଯାଉଛି। ବନ ବିଭାଗ ପାଟ୍ରୋଲିଂ କରୁଥିବା କହୁଥିଲେ ବି ଶିକାରୀଙ୍କ ବନ୍ଧୁକ ମୁହଁରୁ ଜୀବଜନ୍ତୀଙ୍କୁ ସୁରକ୍ଷା ଦେଇପାରୁ ନାହିଁ। ଗୁରୁବାର କମ୍ପାର୍ଟମେଣ୍ଟ ୧୦ରେ ଶିକାର ପ୍ରସ୍ତୁତି ବେଳେ ଏକକାଳୀନ ୮ ଶିକାରୀଙ୍କୁ ଗିରଫ କରାଯିବା ବନ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଭାଗ ସୂତ୍ରରୁ ପ୍ରକାଶ ଯେ, ଟାଇଁସି ରିଜର୍ଭ ଜଙ୍ଗଲ କମ୍ପାର୍ଟମେଣ୍ଟ ୧୦ରେ ଗୁରୁବାର କେତେଜଣ ଶିକାରୀ ବନ୍ଧୁକ ଧରି ଲୁଚିଥିବା ଖବର ମିଳିଥିଲା। ପମ୍ପାସର ଓ ପୁରୁଣାକୋଟ ରେଞ୍ଜରଙ୍କ ସହ ବନ କର୍ମଚାରୀମାନେ ତୁରନ୍ତ ସେଠାରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ଠାକୁରଗଡ଼ ଥାନା ବରହ୍ମ ଗ୍ରାମର ସୁଶାନ୍ତ ଭୋଇ, ସୁଶାନ୍ତ ପ୍ରଧାନ, ପୁରୁଣାକୋଟ ଥାନା ତରଭା ଗ୍ରାମର ଜୟନ୍ତ ଭୋଇ, ଅଜୟ ଭୋଇ, ବଡ଼ଖେତା ଗ୍ରାମର ରଞ୍ଜନ ଭୋଇ, ଯୋଗେଶ୍ୱର ଭୋଇ, ସିଦ୍ଧେଶ୍ୱର ଭୋଇ ଓ ସାଲର ଗ୍ରାମର ନୀଳକଣ୍ଠ ବର୍ଗିଆ। ଚଢ଼ାଉ ବେଳେ ୪ ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ହେଡ୍‌ଲାଇଟ, ଟାଙ୍ଗିଆ, ଏକ ବାଇକ୍ (ନଂ. ଓଡି ୧୯- ୧୫୪୫) ଜବତ କରାଯାଇଛି। ସୁଶାନ୍ତ ଭୋଇ ଦେଶୀ ବନ୍ଧୁକ ରଖି ଯୋଗେଶ୍ୱରଙ୍କ ଘରେ ରହି ଶିକାର କରନ୍ତି। ପୂର୍ବରୁ ଛୁଟାମୁଣ୍ଡା ରିଜର୍ଭ ଜଙ୍ଗଲ କମ୍ପାର୍ଟମେଣ୍ଟ ୩ ଓ ୫ରେ କୁଟୁରା, ଠେକୁଆ ଶିକାର କରି ସାଲର ଗ୍ରାମର ନୀଳକଣ୍ଠଙ୍କ ଘରେ ମାଂସ କାଟିଥିଲେ। ଗତ ୧୨ ତାରିଖରେ ମଧ୍ୟ ଏମାନେ କେତେକ ବନ୍ୟପ୍ରାଣୀ ଶିକାର କରିଥିଲେ। କିନ୍ତୁ ଗୁରୁବାର ଶିକାର ପାଇଁ ପ୍ରସ୍ତୁତି ବେଳେ ବିଭାଗ ସମ୍ପୃକ୍ତ ଶିକାରୀମାନଙ୍କୁ ଗିରଫ କରିଥିଲା।

## ମାନସଙ୍କୁ ମିଳିଲା ଭତ୍ତା

ପରଜଙ୍ଗ, ୧୭।୭(ଡି.ଏନ.ଏ.)

**'ଧରିତ୍ରୀ' ପ୍ରଭାବ**



ସରିଛି ୧୪ବର୍ଷର ସଂଘର୍ଷ। ଦିବ୍ୟାଙ୍ଗ ମାନସଙ୍କ ଉପରେ ପଡ଼ିଛି ପ୍ରଶାସନର ଶୁଭଦୃଷ୍ଟି। ବ୍ଲକ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ପଞ୍ଚାୟତ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଛି ଏକ ମାସର ଭତ୍ତା ଟଙ୍କା ଏବଂ ବହି। ଏହାପରେ 'ଧରିତ୍ରୀ'କୁ ଧନ୍ୟବାଦ ଜଣାଇଛନ୍ତି ମାନସଙ୍କ ପରିବାର।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ବସନ୍ତପଡା ବାଲିସାହିର ମଦନ ଖିଲରଙ୍କ ପୁଅ ମାନସ (୩୨) ଜନ୍ମରୁ ମୂକ ଏବଂ ବଧିର। ଦୀର୍ଘ ୧୪ବର୍ଷ ହେଲା ଭତ୍ତା ଖଣ୍ଡିଏ ପାଇଁ ୨୦ରୁ ଊର୍ଦ୍ଧ୍ୱ ଥର ଆବେଦନ କରି ସେ ନିରାଶ ହୋଇଥିଲେ। ଏ ସମ୍ପର୍କରେ ଗତ ୧୩ ତାରିଖରେ 'ଧରିତ୍ରୀ'ରେ 'ହକ୍ ପାଇଁ ୧୪ ବର୍ଷର ଲଢ଼େଇ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ମାନସଙ୍କୁ ଦିବ୍ୟାଙ୍ଗ ଭତ୍ତା ତାଲିକାରେ ସାମିଲ କରିବାକୁ ତତ୍ପରତା ଦେଖାଇଥିଲା ବ୍ଲକ ପ୍ରଶାସନ। ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାର ପ୍ରଭାସ ଚନ୍ଦ୍ର ସାମନ୍ତରାୟ ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବାନାମ୍ବର ନାୟକ ମାନସଙ୍କ ଘରେ ପହଞ୍ଚି ସମସ୍ତ ପ୍ରମାଣପତ୍ର ସଂଗ୍ରହ କରିଥିଲେ। ୧୫ ତାରିଖରେ ଭତ୍ତା ମଞ୍ଜୁର କରିବା ଲାଗି ସମସ୍ତ କାଗଜପତ୍ର ଉପଜିଲାପାଳଙ୍କ ନିକଟକୁ ପଠାଇଥିଲେ। ସେହି ଦିନ ହିଁ ଉପଜିଲାପାଳଙ୍କ ପତ୍ରସଂଖ୍ୟା ୩୧୮୪ ଅନୁଯାୟୀ ଭତ୍ତା ମଞ୍ଜୁର କରି ବ୍ଲକ କାର୍ଯ୍ୟାଳୟକୁ ପଠାଇ ଦେଇଥିଲେ। ୧୬ ତାରିଖରେ ବ୍ଲକ ପ୍ରଶାସନ ଭତ୍ତାବହି ଏବଂ ଟଙ୍କାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଅନିରୁଦ୍ଧ ମହାଭୋଇଙ୍କୁ ପ୍ରଦାନ କରିଥିଲେ। ୧୭ ତାରିଖରେ ପିଇଓ ମାନସଙ୍କ ଘରକୁ ଯାଇ ଜୁଲାଇ ମାସର ଭତ୍ତା ବାବଦ ୭୦୦ ଟଙ୍କା ଏବଂ ବହି ପ୍ରଦାନ କରିଥିବା ବିଡିଓ ସୂଚନା ଦେଇଛନ୍ତି।

## ଶ୍ରାବଣରେ ଜମି ଶୁଖିଲା

ଢେଙ୍କାନାଳ ଅଫିସ, ୧୭।୭

- ଜୁଲାଇରେ ୩୦% କମ୍ ବର୍ଷା
- ମରିବାକୁ ବସିଲାଣି ଧାନ ତଳି
- ସପ୍ତାହକ ଭିତରେ ନ ବର୍ଷିଲେ ଗଜାମରୁଡ଼ି

ଆଷାଢ଼ ଯାଇ ଶ୍ରାବଣ ଅଧା ହେଲାଣି। ରୁଆ, ବେଉଷଣ ପାଇଁ ଚାଷୀକୁ ତର ମିଳନ୍ତାନି। ହେଲେ ନିଅଣ୍ଟିଆ ବର୍ଷା ସବୁ ବିଗାଡ଼ି ଦେଇଛି। ଠା ଠା ଶୁଖିଲା ପଡ଼ିଛି ଜମି। ବୁଣାଯାଇଥିବା ତଳି ମରିବାକୁ ବସିଲାଣି। ସପ୍ତାହକ ଭିତରେ ବର୍ଷା ନ ହେଲେ ଗଜାମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଜଳଜଳ ହୋଇ ଦିଶୁଛି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲାର ଚାଷୀକୁଳ।

ଶିଳ୍ପ ସମୃଦ୍ଧ ଢେଙ୍କାନାଳ ଜିଲାର ଅର୍ଥନୀତିକୁ ବଳ ଯୋଗାଇଥାଏ ଚାଷ। ଚଳିତ ବର୍ଷ ମୌସୁମୀର ଲୁଚକାଳି ଖେଳ ଜାରି ରହିଛି। ଦିନେ ବର୍ଷା ହେଲେ ଦ୍ୱିତୀୟ ଦିନକୁ ପ୍ରଚଣ୍ଡ ଖରା। ବର୍ଷିଥିବା ପାଣି ଜମିରେ ଶୁଖିଯାଉଛି। ଏପରି ସ୍ଥିତିରେ ଅନେକ ସ୍ଥାନରେ ତଳି ବି ପଡ଼ିପାରିନି। ଆଗୁଆ ବର୍ଷାକୁ ଦେଖି ଯେଉଁ କେତେକ ସ୍ଥାନରେ ତଳି ପଡ଼ିଥିଲା, ସେସବୁ ଏବେ ପାଣି ଅଭାବରୁ ମରିବାକୁ ବସିଲାଣି। ଜିଲାରେ ଜୁଲାଇ ୧୫ ସୁଦ୍ଧା ଆବଶ୍ୟକତାଠାରୁ ୩୦% କମ୍ ବର୍ଷା ହୋଇଛି। ସ୍ୱଳ୍ପବୃଷ୍ଟି ଯୋଗୁ ଓଡ଼ାପଡ଼ା ଏବଂ ପରଜଙ୍ଗ ବ୍ଲକରେ ଚାଷକାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି।

**କୃଷି ବିଭାଗ ପକ୍ଷରୁ ପ୍ରଦତ୍ତ ବର୍ଷା ସମ୍ପର୍କିତ ତଥ୍ୟ**

| ବ୍ଲକ | ୨୦୧୯ (ଜୁଲାଇ) | ୨୦୨୦ (ଜୁଲାଇ ୧୫ ସୁଦ୍ଧା) |
| --- | --- | --- |
| ଢେଙ୍କାନାଳ | ୨୫୩.୭୦ ମିମି | ୫୪.୬୦ ମି.ମି. |
| ଓଡ଼ାପଡ଼ା | ୧୩୮ ମି.ମି | ୪୫ମି.ମି. |
| ଗଁଦିଆ | ୧୬୭ ମି.ମି. | ୭୭ ମି.ମି. |
| ହିନ୍ଦୋଳ | ୨୪୭.୬ ମି.ମି. | ୬୬ ମି.ମି. |
| କାମାକ୍ଷାନଗର | ୨୬୧.୮ ମି.ମି. | ୧୨୪.୪୦ ମି.ମି. |
| ଭୁବନ | ୨୦୬.୫ ମି.ମି. | ୫୦.୧୦ମି.ମି. |
| ପରଜଙ୍ଗ | ୧୫୧ ମି.ମି. | ୨୦ ମି.ମି. |
| କଙ୍କଡ଼ାହାଡ଼ | ୨୮୨.୪୦ ମି.ମି. | ୧୩୭.୪୦ ମି.ମି. |



ଜିଲା କୃଷି ଉପନିର୍ଦ୍ଦେଶକ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଜିଲାରେ ଚଳିତବର୍ଷ ୯୫ହଜାର ହେକ୍ଟର ଜମିରେ ଧାନଚାଷ କରାଯିବାକୁ ନିର୍ଦ୍ଧାରଣ ହୋଇଛି। ଜୁଲାଇ ୧୫ ସୁଦ୍ଧା ୫୭ ହଜାର ହେକ୍ଟରରେ ଧାନ ବୁଣା ଲକ୍ଷ୍ୟ ରଖାଯାଇଥିବା ବେଳେ ୫୦,୮୬୦ ହେକ୍ଟରରେ ବୁଣା ସରିଛି। ସେହିପରି ୩୮ ହଜାର ହେକ୍ଟରରେ ରୁଆ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମାତ୍ର ୨,୮୨୯ ହେକ୍ଟରେ ରୁଆ ସରିଛି। ଜିଲାରେ ୮୮୦ ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ୨୧୫ ଅଚଳ ଅବସ୍ଥାରେ ରହିଛି। ବିଭାଗର ଅବହେଳା ଯୋଗୁ ହାତ ପାହାନ୍ତାରେ ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ଜମିକୁ ପାଣି ମାଡ଼ିପାରୁନି। ଦିନକୁ ଦିନ ସ୍ଥିତି ଗମ୍ଭୀର ହେଉଥିବାରୁ କୃଷି ବିଭାଗ ମଧ୍ୟ ଚିନ୍ତାରେ ପଡ଼ିଛି। ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି। କରୋନା ମାଡ଼ରେ ଗରିବ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାବେଳେ ଭଲ ଫସଲ ନ ହେଲେ ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡ଼ିବ ବୋଲି ଚାଷୀମାନେ କହିଛନ୍ତି।

ଏ ସମ୍ପର୍କରେ ଜିଲାକୃଷି ଉପନିର୍ଦ୍ଦେଶକ ରାଜକିଶୋର ନାୟକ କୁହନ୍ତି, ସପ୍ତାହକ ମଧ୍ୟରେ ବର୍ଷା ଲୋଡ଼ା। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରୁଛନ୍ତି। ପରଜଙ୍ଗ, ଓଡ଼ାପଡ଼ା ବ୍ଲକରେ ଆବଶ୍ୟକ ପରିମାଣଠାରୁ ଯଥେଷ୍ଟ କମ୍ ବର୍ଷିଛି। ପାଣି ପଞ୍ଚାୟତ ମାଧ୍ୟମରେ ଉଠା ଜଳସେଚନ ପଏଣ୍ଟଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଯାଇଛି।

### ହୋଇପାରୁନାହିଁ ରୁଆ କି ବେଉଷଣ



ବର୍ଷା ପାଇଁ ଆକାଶକୁ ଅନାଇ ରହିଛୁ। ଜମିରେ ପାଣି ହେଉ ନ ଥିବାରୁ ରୁଆ କି ବେଉଷଣ କାମ ହୋଇପାରୁନାହିଁ। ଖାଲି ବିହନ ବୁଣି ଦେଇ ମୁଣ୍ଡିରେ ହାତ ଦେଇ ବସିଛୁ। ସପ୍ତାହକ ଭିତରେ ବର୍ଷା ନ ହେଲେ ସବୁ ତଳି ମରିଯିବ। ଚାଷୀ, ଚାଷ ଉଭୟେ କ୍ଷତିଗ୍ରସ୍ତ ହେବେ।

- ଚାଷୀ ସର୍ବେଶ୍ୱର ବ୍ରହ୍ମ, ମଣ୍ଡାପାଳ

### ୧୩ ଏକରରେ ଚାଷ ପ୍ରଭାବିତ



ଆବଶ୍ୟକ ପରିମାଣରେ ବର୍ଷା ହେଉ ନ ଥିବାରୁ ୧୩ ଏକର ଜମିରେ ହୋଇଥିବା ଧାନଚାଷ ପ୍ରଭାବିତ ହୋଇଛି। ଅଧିକାଂଶ କିଆରିରେ ତଳି ମରିଗଲାଣି। ୩-୪ ଦିନରେ ବର୍ଷା ନିହାତି ଜରୁରୀ। ନ ହେଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

- ଚାଷୀ ସନ୍ତୋଷ ସ୍ୱାଇଁ, ଗୋବିନ୍ଦପୁର

